ମତ୍ସ୍ୟଗନ୍ଧା

ସନ୍ଧ୍ୟା ହବ ପ୍ରାୟ ।

ହଠାତ୍ ବସ୍‌ଟା ଗୋଟାଏ ବିକଟ ଶବ୍ଦ କରି ପ୍ରାୟ ଘୁଷୁରି ଘୁଷୁରି ରାସ୍ତା ଉପରେ ରହିଗଲା । ତା' ପରେ ଯାହା ସାଧାରଣତଃ ହୋଇଥାଏ, ବସ୍‌ର ସଦା ଜାଗ୍ରତ ଡ୍ରାଇଭର୍, କ୍ଲିନର୍ ଓ କଣ୍ଡକ୍ଟରମାନେ ବସ୍ ଉପରୁ ଖପ୍ ଖାପ୍ ତଳକୁ ଡେଇଁପଡ଼ି ସହସା ଘୋଷଣା କଲେ ଯେ, ସେ ବସ୍ ଆଉ ପାଦେ ମଧ୍ୟ ଆଗକୁ ଯିବା ସମ୍ଭବ ନୁହେଁ, ଗୋଟାଏ ବଡ଼ ଧରଣର ସାହାଯ୍ୟ ନ ଆସିବା ପର୍ଯ୍ୟନ୍ତ । କାରଣ ବସ୍‌ର ଆକ୍‌ସିଲ୍ ଭାଙ୍ଗିଯାଇଛି । ବସ୍ ତା ଆରଦିନ ସକାଳ ବାରଟା ସୁଦ୍ଧା ଛାଡ଼ିଲେ ଛାଡ଼ିପାରେ ।

ପାସେଞ୍ଜରମାନେ ଆସ୍ତେ ଆସ୍ତେ ତଳକୁ ଓହ୍ଲେଇଲେ ଓ ରାସ୍ତା ଉପରେ ଦଳ ଦଳ ହୋଇ ଠିଆହୋଇ ପରସ୍ପର ଭିତରେ ନିଜର ହତାଶାଜନିତ ବାକ୍ୟାଳପ ଆରମ୍ଭ କରିଦେଲେ । ତନ୍ମଧ୍ୟରୁ ଅଧିକାଂଶ ହେଲା ବସ୍ ଉପରେ ଓ ବସ୍ ମାଲିକଙ୍କ ଉପରେ ଘୋର ଅଭିସମ୍ପାତ ବର୍ଷଣ । ଡ୍ରାଇଭର, କ୍ଲିନର ପ୍ରଭୃତି ରାସ୍ତାର ଅନେକ ଦୂରକୁ ଦୁଇ ଭିନ୍ନ ଦିଗରେ ଚାହିଁରହିଲେ କୌଣସି ବସ୍ ଆସୁଥିବାର କ୍ଷୀଣତମ ସୂଚନା ଆବିଷ୍କାର କରିବା ପାଇଁ ।

ମୁଁ ଅବଶ୍ୟମ୍ଭାବୀ ସହିତ ଅତିଶୀଘ୍ର ସାଲିସ୍ କରିନେଇ ଖବର ନେଇ ବୁଝିଲି ଯେ ବସ୍‌ଟି ଯେଉଁଠାରେ ଖରାପ ହୋଇଛି ସେଇଟା ମାତ୍ର ସୋନପୁରର ଉପକଣ୍ଠ । ପାଖରେ ରାସ୍ତାକରରେ ଗୋଟିଏ ଡାଲି ଚାଉଳ ଦୋକାନ, ପାନ ଦୋକାନ ଓ ଚାହା ଦୋକାନ ଦେଖି ଅତ୍ୟନ୍ତ ଆଶ୍ୱସ୍ତ ହେଲି । ଘୋର ଅପନ୍ତରା ରାସ୍ତାରେ ମଧ୍ୟ ବସ୍ ଖରାପ ହବାର ସମ୍ଭାବନା ଥିଲା । ୟେ' ତ କଣାମାମୁଁ!

ପାନ ଦୋକାନ ପାଖରେ ଠିଆହୋଇ ସିଗାରେଟ୍ ଲଗଉ ଲଗଉ ଗୋଟାଏ ଦୁଇଟା ସ୍ଥାନୀୟ କୌତୂହଳୀ ପିଲାଙ୍କ ସହିତ କଥାବାର୍ତ୍ତା କରି ବୁଝିଲି ଯେ ଡାହାଣ ପଟକୁ ମାତ୍ର ଦୁଇଶହ ଗଜ ଖଣ୍ଡେ ଚାଲିଗଲେ ମହାନଦୀ ଦେଖିବାକୁ ମିଳିବ । ସୋନପୁର ଓ ମହାନଦୀ ଏଇ ଦୁଇଟାର ଏକତ୍ର ଯୋଗାଯୋଗ ଯେମିତି ମତେ ଅକସ୍ମାତ୍ ମୋର ଶୈଶବକୁ ମର୍ମାନ୍ତରିତ କରିଦେଲା । ଓଡ଼ିଶାର ଭୂଗୋଳ ଅଧ୍ୟୟନ କରିବାକୁ ଯାଇ ଏହି ଦୁଇଟିର ଘନିଷ୍ଠ ଯୋଗାଯୋଗ ମୁଁ ବହୁବାର ପଢ଼ିଛି ଓ ଲେଖିଛି ମଧ୍ୟ । ରାସ୍ତା ଛାଡ଼ି ତଳକୁ ଗଡ଼ି ମହାନଦୀ ଅଭିମୁଖେ ଯାଉ ଯାଉ ଭାବୁଥିଲି, ସୋନପୁରରେ କ'ଣ ମିଳେ?.... କ'ଣ ଗୋଟାଏ ମିଳେ; କିନ୍ତୁ ଅନାବନା ସ୍ମୃତିର ଜଙ୍ଗଲ ଭିତରୁ ମୁଁ କଥାଟାକୁ ଠିକ୍ ମନେକରି ପାରୁନଥିଲି, ଯେ ପର୍ଯ୍ୟନ୍ତ ମୁଁ ମହାନଦୀ କୂଳରେ ନ ପହଞ୍ଚିଛି ।

କ୍ଷୁଦ୍ର ଧୀବର ପଲ୍ଲୀର ଘରଗୁଡ଼ିକର ନଡ଼ାଛପରକରା ଘରସବୁ ଆଖିରେ ପଡ଼ିଲା ମାତ୍ରକେ ମନେ ପଡ଼ିଗଲା ସୋନପୁର ମାଛପାଇଁ ପ୍ରସିଦ୍ଧ । ପ୍ରତିଟି ଘର ଆଗରେ ଜାଲ ଝୁଲୁଛି । କେଉଁଠି ମାଛର ଖାଳେଇ ରଖାହୋଇଛି ତ କେଉଁଠି ଡେରା ହୋଇ ଠିଆ କରେଇ ଦିଆଯାଇଛି ଡଙ୍ଗାର ଆହୁଲା ଆଉ କାତସବୁ ।

ଧୀବରପଲ୍ଲୀକୁ ପଶୁ ପଶୁ ହଠାତ୍ ଆଖି ଆଗରେ ବିଶାଳ ମହାନଦୀର ଚେନାଏ ଅଂଶ ଦେଖିବାକୁ ପାଇଲି, କାରଣ ପଲ୍ଲୀଟିର ପ୍ରଶସ୍ତି ବୋଲି ବିଶେଷ କିଛି ନାହିଁ, ଅଛି କେବଳ ଦୈର୍ଘ୍ୟ । ବସ୍ତିଟି ନଦୀର କୂଳେ କୂଳେ ଲମ୍ବିଯାଇଛି ଅନେକ ଦୂରକୁ । ସ୍ତ୍ରୀ ଲୋକଟି ବେଶ୍ ସଫା ସୁତୁରା ଗୋଟିଏ ମାଟିପିଣ୍ଡା ଉପରେ ବସି ତାର ଏକ ମାଂସଳ ଜଂଘ ଉପରେ ଦୁଇହାତ

ରଖି ସଞ୍ଜୀବତୀ ବକୁଥିଲା । ତାର ଦୁଇ ହାତରେ ବିଶାଏ ବିଶାଏ ଓଜନର ପିତଳ ଖଡୁସବୁ ମଜାଘଷା ହୋଇ ସୁନାପରି ଚକ୍ ଚକ୍ କରୁଥିଲା ଶେଷ ହୋଇ ଆସୁଥିବା ଦିନର ଆଲୁଅରେ । ମତେ ଦେଖି ସେ ଅତ୍ୟନ୍ତ ଆପଣାର ଲୋକପରି ପଚାରିଲା, 'କଅଣ ମାଛ ନବ ବାବୁ ?' ମୋର ମାଛ ନବାର ସାମାନ୍ୟତମ ଉଦ୍ଦେଶ୍ୟ ନଥିଲେ ମଧ ମୋ ପାଟିରୁ ଅଭ୍ୟାସବଶତଃ ବାହାରି ପଡ଼ିଲା 'ହଁ' । ହଉତ ସ୍ତ୍ରୀଲୋକଟିର ଏଇ ଅମାୟିକ ଯାଚଞ୍ଚାକୁ ଉପେକ୍ଷା କରିପାରି ନଥିଲି; କିନ୍ତୁ ମୁଁ ମହାନଦୀର ଦୃଶ୍ୟ ଦେଖୁ ଦେଖୁ ମୁହୂର୍ତ୍ତକ ପାଇଁ ଅନ୍ୟମନସ୍କ ହୋଇ ପଡ଼ିଥିଲି ।

ଜୀବନରେ ବାରମ୍ବାର ବହୁ ପରିବେଶରେ ମୁଁ ମହାନଦୀ ଦେଖିଛି; କିନ୍ତୁ ସୋନପୁର ପାଖର ଅପୂର୍ବ ମହାନଦୀ ମୁଁ କେବେ ଦେଖିଥିବା ପରି ମନେ ହେଉନାହିଁ । ଏଠାରେ ମହାନଦୀ କେଶରୀ ମଧମା ନୁହଁ, ଗୁରୁ ନିତମ୍ବିନୀ । ଗୋଟାଏ ପଟେ କ୍ଷୁଦ୍ର ସୋନପୁର ଧୀବର ପଲ୍ଲୀର ଶାନ୍ତ ପରିବେଶ ଅନ୍ୟପଟେ ଧୂସର ପର୍ବତମାଳାର ଉତ୍ତୁଙ୍ଗ ଗାମ୍ଭୀର୍ଯ୍ୟ ଓ ମଝିରେ ଏକ ବିରାଟ ଜଳରାଶିର ରହସ୍ୟମୟ ପରିବ୍ୟାପ୍ତି । ସାମାନ୍ୟ ପବନରେ ମହାନଦୀର ଦେହେ ଦେହେ ପୁଲକର ଅପୂର୍ବ ରୋମାଞ୍ଚ । ଥରକୁ ଥର ମହାନଦୀ ଭାଙ୍ଗିପଡୁଛି ଛୋଟ ଛୋଟ ଅସଂଖ୍ୟ ଉର୍ମିରେ ଓ ତାର ମୃଦୁ ହିଲ୍ଲୋଳରେ କୂଳରେ ବନ୍ଧା ହୋଇଥିବା ଅସଂଖ୍ୟ ଛୋଟ ବଡ଼ ଡଙ୍ଗାସବୁ ପରସ୍ପର ଦେହରେ ବାଜି ବାଜି ଏକ ଅଦ୍ଭୁତ ସଂଗୀତ ସୃଷ୍ଟି କରୁଛନ୍ତି । ମନେ ହେଉଛି ଯେପରି ଜଙ୍ଗଲର ଏକ ଶାନ୍ତ ନିଥର ପରିବେଶ ଭିତରେ ଶୁଣାଯାଉଛି ଅନେକ ମଇଁଷି ଟିପାର ଶବ୍ଦ ।

- 'ବାବୁ !'

ମୁଁ ଏକ ଅତୀନ୍ଦ୍ରିୟ ଦେଶରୁ ଯେପରି ବାସ୍ତବତାକୁ ଓହ୍ଲେଇ ଆସିଲି ହଠାତ୍ ।

- 'ମାଛ ନବ ପରା ?'

କିନ୍ତୁ ଇଏ କିଏ ? ମୋ ସାମ୍ନାରେ ଦୁଇହାତକୁ ଅଣ୍ଟାରେ ଦେଇ ସ୍ମିତ ହସି ଠିଆ ହେଇ ରହିଛି ଝିଅଟିଏ । ମନେ ହଉଛି ଯୌବନର ଗୁରୁ ଭାରରେ ଟୁଳୁ ଟୁଳୁ ହେଉଥିବା ଏଇ ମଦାଳସା ବୋଧହୁଏ ଯେ କୌଣସି ମୁହୂର୍ତ୍ତରେ ତା' ର ଭାରସାମ୍ୟ ହରେଇ ବସିବ । ୟେ' କଅଣ ସେଇ ପୁରାଣବର୍ଣ୍ଣିତ ମତ୍ସ୍ୟଗନ୍ଧା ସତ୍ୟବତୀ ! ଅପୂର୍ବ ! ତା' ର ଗହମରଙ୍ଗର କପୋଳ ଦିନାନ୍ତର ଆଲୋକରେ ଆଉଟା ତମ୍ବା ପରି ଜଳିଉଠୁଛି ଯେପରି । ଠିକ୍ ତା' ପଛକୁ ମହାନଦୀର ଜଳରାଶି ଉପରେ ନାତି ପ୍ରଶସ୍ତ ଆଲୋକର ସେତୁ ଲମ୍ବିଯାଇଛି ଏ କୂଳରୁ କୋ' ଯାଏ ଆଖି ପାଏନା ।

ମୁଁ କେତେବେଳେକେ କହିଲି, "ହଁ" ।

ଝିଅଟି ହସି ଉଠିଲା ଖିଲ୍ ଖିଲ୍ ହୋଇ ଗୋଟାଏ ପାହାଡ଼ୀ ଝରଣା ପରି, "କିନ୍ତୁ ନଈ ଆର ପଟକୁ ଯିବାକୁ ହବ । ସେଠି ମୋ' ଡଙ୍ଗା ତଳେ ମାଛର ଗାଲିସି ବାନ୍ଧି ଜିଆଇ ରଖିଛି ।"

ସେଇ ମଧବୟସ୍କା ସ୍ତ୍ରୀ ଲୋକଟି ପିଣ୍ଡା ଉପରେ ଠିଆ ହେଇ କହିଲା, "ଯାଅ ବାବୁ, ସେଠି ମାଛ ଦେଖିବ, ଯୋ' ମାଛ ଲୋଡ଼ା ନେଇ ଆସିବ, ସବୁ ଜୀଅନ୍ତା ଅଛନ୍ତି ।"

ମତେ ତଥାପି ନିଶ୍ଚେଷ୍ଟ ଦେଖି ଝିଅଟି ତଥାପି ଅଣ୍ଟା ଉପରେ ହାତ ରଖି ମୁରୁକେଇ ମୁରୁକେଇ ହସୁଥାଏ, ଯେମିତି ସେ ଅନୁମାନ କରିପାରିଛି ଯେ ଏଇ ସହରୀ ଲୋକଟିର ନଈ ଆରପଟକୁ ଯିବାର ସାହସ କୁଳଉ ନାହିଁ ।

ଏକ ମନୋରମ ସଂଧ୍ୟାରେ ମହାନଦୀରେ ନୌକା ବିହାର ତା' ପୁଣି ଏଇ ଉଦ୍‌ଭିନ୍ନ ଯୌବନାର ସାନ୍ନିଧରେ, ଏହା ଏକ ଅପ୍ରତ୍ୟାଶିତ ସୁଯୋଗ । ମୁଁ କହିଲି, "କିନ୍ତୁ ଡଙ୍ଗା କିଏ ନବ ?"

ଝିଅଟି ତଦ୍ଦଣ୍ଡେ କହିଲା, "କାହିଁକି, ମୁଁ ?"

ମଧ୍ୟବୟସ୍କା ସ୍ତ୍ରୀ ଲୋକଟି ସାମାନ୍ୟ ଉଚ୍ଚସ୍ୱରରେ ହସିଲାପରା କହିଲା, "ଶାରୀ ଡଙ୍ଗା ନେଲେ, ତା' ସହିତ ଡଙ୍ଗା ବାହିବାକୁ ଏ ମୁଲକରେ ମରଦ ମଧ୍ୟ ପାରିବେ ନାହିଁ ।"

ତା' ପରେ ଆମେ ଓହ୍ଲେଇ ଚାଲିଲୁ ଅନେକ ବଡ଼ ବଡ଼ ପଥର ଉପରେ ପାଦ ଦେଇ ନଈ କୂଳରେ ବନ୍ଧା ହୋଇଥିବା ଡଙ୍ଗା ପାଖକୁ । କହିବା ବାହୁଲ୍ୟ ଯେ ମୁଁ ପହଞ୍ଚିବାର ଅନେକ ଆଗରୁ ଶାରୀ ସେଠି ପହଞ୍ଚି ଡଙ୍ଗା ଫିଟେଇ ଆହୁଲା ଧରି ବସି ସାରିଥାଏ ଡଙ୍ଗା ଉପରେ । ମୋର ଅନଭ୍ୟସ୍ତ ପାଦ ପାଇଁ କୂଳର ଶେଷ ପଥର ଉପରୁ ଡଙ୍ଗାକୁ ଉଠିବା ବେଶ୍ କଷ୍ଟକର । ମନେ ହୁଏ ଡଙ୍ଗାରେ ଗୋଟାଏ ପାଦ ଦଉ ଦଉ ସେ' ଟା ଆହୁରି ଘୁଞ୍ଚିଯିବ ପାଣି ଭିତରକୁ ଓ ଅନ୍ୟ ପାଦଟାକୁ ଠିକ୍ ସମୟରେ ଡଙ୍ଗା ଉପରକୁ ଆଣିହେବ ନାହିଁ ପରା ! ମୁଁ ଟିକିଏ ଦ୍ୱିଧାଗ୍ରସ୍ତ ହେଲି । ତା' ପରେ ଦେଖିଲି ଶାରୀ କେତେବେଳେ ଡଙ୍ଗା ଏପଟକୁ ଚାଲି ଆସି ହାତ ବଢ଼େଇ ଦେଇଛି ମୋ' ଯିବା ପାଇଁ, ମୁଁ ହାତ ଧରିବା ମାତ୍ରେ ସେ ମତେ ଗୋଟାଏ ଝାଙ୍କରେ ଟାଣି ନେଲା ଡଙ୍ଗା ଉପରକୁ । ଡଙ୍ଗା ଚହଲିଗଲା ଟିକିଏ । ମୁଁ ମଧ୍ୟ ପ୍ରାୟ ଭାରସାମ୍ୟ ହରେଇ ବସୁ ବସୁ ଶାରୀକୁ ଧରିନେଇ ବଞ୍ଚିଗଲି । ପୁଣିଥରେ ଶାରୀ ହସି ଉଠିଲା ସେଇ ହସ, ଯାହା ପାହାଡ଼ୀ ଝରଣା ପରି ବହିଯାଏ, ଖାଲି ବହିଯାଏ ଅର୍ଥହୀନ ଭାବରେ । ସେ ବୋଧହୁଏ ହସୁଥିଲା ମୋର ଅହେତୁକ ଆଶଙ୍କା ପାଇଁ ।

ସୂର୍ଯ୍ୟ ବୁଡ଼ିଗଲା ।

କିନ୍ତୁ ମହାନଦୀର ପାଣି କଳା ଘୁମର ହୋଇଯିବା ପୂର୍ବରୁ ଚନ୍ଦ୍ର ଉଇଁ ଆସିଲା ଅକସ୍ମାତ୍ ଗୋଟାଏ ରୁପା ଥାଳିପରି । ଆଜି କ' ଣ ପୂର୍ଣ୍ଣିମା ? ଯାହା ତିଥି ହଉନା କାହିଁକି, ନଈ ପାଣିରେ ବିମ୍ବିତ ଚନ୍ଦ୍ରର ଅସଂଖ୍ୟ ଭଗ୍ନାଂଶ, ଯେପରି ସମୁଦାୟ ନଈଟାକୁ କରିଦେଇଛି ଗୋଟାଏ ବିଶାଳ ରୁପାକାତିଆ ମାଛ ।

ଡଙ୍ଗା ଚାଲିଛି । ଆମେ ବସି ରହିଛୁ ନୀରବରେ । ସେ ପରିବେଶରେ ବୋଧହୁଏ ଯେ କୌଣସି ସଂଳାପ ମନେ ହୋଇଥାନ୍ତା ନିରର୍ଥକ, ଅତିରିକ୍ତ । ମୁଁ ମୁଗ୍ଧ ହୋଇ ବସିରହିଥିଲି କେବଳ ।

ଶାରୀ ମଧ୍ୟ ବସିରହିଥିଲା ମୋର ବିପରୀତ ମଙ୍ଗରେ । ପ୍ରଥମେ ଶାରୀ କଥା ଆରମ୍ଭ କରିଥିଲା, 'ବାବୁ, କଅଣ ଭାବୁଚ ?'

'ମୁଁ କହିଲି, ନାଁ କିଛି ନୁହଁ- ଦେଖୁଚି ଏଇ ମହାନଦୀର ପାଣିରେ ବିମ୍ବିତ ଚନ୍ଦ୍ରମାକୁ ।'

ଏଥରକ ଶାରୀ ସିଧା ଚାଲି ଆସି ମୋ ପାଖରେ ବସିପଡ଼ି କହିଲା, 'ତମ ଦେଶରେ ନଈ ନାହିଁ?'

- 'ଅଛି, ତେବେ ଏତେବଡ଼, ଏଡ଼େ ସୁନ୍ଦର ନାହିଁ ।'

ନଈର ପାଣିରେ ହାତ ବୁଡ଼େଇ ଶାରୀ ମୁଠାମୁଠା ରୁପାର ପାଣି ଫୋପାଡୁ ଥିଲା ଶୂନ୍ୟକୁ । ଅଦ୍ଭୁତ ଲାଗୁଥିଲା ଏଇ ଝିଅଟିକୁ ତା' ର ସାନ ସାନ କଥାରେ ଖୁସି ହେଇଯାଇ ହସି ଉଠିବା ପାହାଡ଼ୀ ଝରଣାର କୁଳୁ କୁଳୁ ପରି ।

ମୁଁ କହିଲି, 'ବାଃ ! ମୋର ଅନେକ ଦିନ ମନେ ରହିବ ତୋ ସହିତ ମହାନଦୀରେ ଏଇ ଚନ୍ଦ୍ର ବିହାର ।'

ଶାରୀ କହିଲା, 'ବାବୁ ! ତମେ ତ ଆସିଥିଲ ମାଛ ନବ ଆଉ ଯିବ । କେବେ ମନେ ପଡ଼ିଲେ ମାଛ ମନେ ପଡ଼ିବ, ଶାରୀ କାହିଁକି ମନେ ପଡ଼ିବ ?'

ମୁଁ କହିଲି, 'ମାଛଟା କ' ଣ ଗୋଟାଏ ମନେ ରହିବାର କଥା, ମଣିଷ ସିନା ମନେ ରହନ୍ତି ।'

ପୁଣି ଥରେ ପାହାଡ଼ୀ ଝରଣା ପରି ସେଇ ହସ, 'ମୋର ପରି ଗୋଟାଏ ମାଛବାଲୀର ଝିଅ, ସିଏ ପୁଣି ମନେ ରହିବ ସହରୀ ବାବୁମାନଙ୍କ ପାଇଁ ।'

କିଛିତ ସମୟ ଚୁପ୍‌ଚାପ୍ ବିତି ଯାଇଥିଲା ତା ପରେ ।

ଏଥର ମୁଁ ପଚାରିଲି, 'ତୁ ବାହା ହେଇଚୁ ଶାରୀ ?'

ଡଙ୍ଗାର ମଙ୍ଗଟାକୁ ଧରି ତା' ର ଗତି ବଦଳେଇବାକୁ ଚେଷ୍ଟା କରି ଶାରୀ କହିଲା, 'ମୋ ପରି କାଳି ଝିଅକୁ କିଏ ବାହା ହେବ ?' ହଠାତ୍ ଗୋଟାଏ ପ୍ଲାଷ୍ଟିକ୍ ଡଙ୍ଗା ପରି ଦୁଇ ତିନି ଥର ଚକର ଖାଇଗଲା । ମୁଁ ପ୍ରାୟ ପଡ଼ିଯାଇଥିଲି । ମତେ ଦୁଇହାତରେ କୁଣ୍ଢେଇ ଧରି ଅଟକେଇ ନେଲା ଶାରୀ । ପ୍ରଥମ ଧକ୍‌କାଟା କଟିଯିବା ପରେ ମୁଁ ମଧ ନିଜକୁ ଶାରୀର ଅନାହୂତ ବେଷ୍ଟନୀ ଭିତରୁ ମୁକ୍ତ କରିବାକୁ ବିଶେଷ ବ୍ୟଗ୍ର ହୋଇ ନାହିଁ । ସେଇ କେଇ ମିନିଟ୍ ମାତ୍ର ମୋର ମନେ ହେଇଥିଲା ଗୋଟାଏ ଯୁଗପରି ।

ଦେଖିଲି ଡଙ୍ଗା ଗୋଟାଏ ବୁଲାବାଟକୁ ମୁହଁଉଛି । ପଚାରିଲି, 'ସିଧା ନଯାଇ ଆମେ ଏତେବାଟ ବୁଲିବା କାହିଁକି ?'

ଶାରୀ ଆହୁଲା ଛାଡ଼ିଦେଇ ମୋ ପାଖକୁ ଆସି ଖୁବ୍ ବିସ୍ତାରିତ କରି ବୁଝାଇବାକୁ ଚେଷ୍ଟା କରିଥିଲା ଯେ ସିଧାଗଲେ ଗୋଟାଏ ଗଣ୍ଡ ପଡ଼ିବ, ଯାହା ଉପରେ ସେମାନେ ଡଙ୍ଗା ନିଅନ୍ତି ନାହିଁ । ମୁଁ ପୁଣି ପଚାରିଲି, 'କାହିଁକି ?'

ସେ କହିଲା, 'ସେଠି ଜହ୍ନରାତିରେ ମତ୍ସ୍ୟ-କନ୍ୟାମାନେ ଖେଳିବାକୁ ଉପରକୁ ଉଠନ୍ତି । ଆଉ ସେଇଠି ଖେଳନ୍ତି ଅନେକ ସମୟ ଧରି ସକାଳ ହେବା ପର୍ଯ୍ୟନ୍ତ ।'

ପ୍ରଥମ ପ୍ରତିକ୍ରିୟାରେ କହିଲି, 'ରବ୍‌ବିସ୍ ।' ତାପରେ କହିଲି, 'ଚାଲ୍‌ନାଁ ସେଇବାଟେ, ଖୁବ୍ ମଜା ହବ ଯଦି ମତ୍ସ୍ୟକନ୍ୟାମାନେ ସତକୁ ସତ ଖେଳୁଥିବେ ।'

ଶାରୀ କହିଲା, 'ନାଁ, ସେ ବାଟେ କେହି ଯାଆନ୍ତି ନାହିଁ...ବର୍ଷକୁ ବର୍ଷ...' କ' ଣ କହିବାକୁ ଯାଇ ଶାରୀ ଅଟକି ଗଲା । ମୁଁ ପ୍ରାୟ ଜିଦ୍ କରି କହିଲି, 'ଯେତେ ସବୁ କୁସଂସ୍କାର, ତୁ ଚାଲ ମୁଁ ଅଛି ।' ତା' ପରେ ପରିହାସ କରି କହିଲି, 'ଏତେ ଭାଗ୍ୟ କାହାର ହୁଏ, ଆସିଥିଲା ମାଛପାଇଁ ଅଥଚ ନେଇକରି ଫେରିଲା ଗୋଟାଏ ଜୀଅନ୍ତା ମତ୍ସ୍ୟକନ୍ୟା ! ଅଗତ୍ୟା ଶାରୀ ଡଙ୍ଗାର ମୋଡ଼ ଫେରେଇଲା ସେଇ ଗଣ୍ଡ ଉପରକୁ, ଯେଉଁଠାରେ ନଈର ପାଣି ହାବୁକା ମାରି ମାରି ଖେଳୁଚି ଚନ୍ଦ୍ରକିରଣ ସାଙ୍ଗରେ । ଶାରୀ ଆହୁଲା ମାରି ଚାଲିଛି ।'

ମୁଁ ବସିଛି ଶାରୀର ବିପରୀତ ମଙ୍ଗରେ । ମୋ ଆଗରେ ଶାରୀର ଦେହର ସିଲ୍‌ହୁଟ୍ ଓ ତା ପଛପଟେ ଆକାଶକୁ ବେଶ୍ କିଛିବାଟ ଉଠି ଆସିଥିବା ଜହ୍ନ । ହଠାତ୍ ପଛକୁ ଫେରି ଚାହିଁଲି, କେତେବାଟ ଆସିଲୁଣି କଳନା କରିବାକୁ ।

ସେଇଠି, ଠିକ୍ ସେଇଠି ଯେମିତି ପାଣି ଦୁଇଭାଗ ହୋଇ ଯାଇଥିଲା ଏବଂ ସେଇ ଖଣ୍ଡିତ ଜଳଭାଗର ଦୁଇ ପଟରେ ଧାଡ଼ିବାନ୍ଧି ଠିଆ ହୋଇ ରହିଥିଲେ ମତ୍ସ୍ୟକନ୍ୟାମାନେ ସେମାନଙ୍କର ମାଛକାତିର ସାଞ୍ଜୁ ପିନ୍ଧି । ମୁଁ ସ୍ପଷ୍ଟ ଦେଖିପାରୁଛି ସେମାନଙ୍କର ମତ୍ସ୍ୟାକୃତି ମେଖଳା ଏକ ଛନ୍ଦାୟିତ ଗତିରେ ମିଶିଯାଇଛି ପାଣି ପର୍ଯ୍ୟନ୍ତ ଏବଂ ସେମାନଙ୍କର ଉତ୍ତମାଂଶ ସମ୍ପୂର୍ଣ୍ଣ ଆଭରଣହୀନ । ସେମାନଙ୍କର ବକ୍ଷୋଜ ସବୁ ଉଦ୍ଭାସିତ ହୋଇ ଉଠିଚି ଚନ୍ଦ୍ରକିରଣରେ ଭାସମାନ ବହୁ ଯୁଗ୍ମ ରଜତ କମଳ ସଦୃଶ ।

ସେମାନେ ଏକ ସଙ୍ଗରେ ହସି ଉଠିଲେ ମୁହୂର୍ତ୍ତକ ପାଇଁ ଓ ତା' ପରେ ସେମାନେ ବେଢ଼ିଗଲେ ଶାରୀର ଚାରିପଟେ, ଯେମିତି ସେମାନେ ବହୁ ଦିନରୁ ହଜେଇ ଦେଇଥିବା ବାନ୍ଧବୀକୁ ପାଛୋଟି ନେବା ପାଇଁ ଆସୁଛନ୍ତି । ମୋର ସମସ୍ତ ଶରୀର ଅସାଡ଼ ହୋଇଯାଇଥିଲା । ମୋରି ଆଖି ଆଗରେ ସେମାନେ ଶାରୀକୁ ଡଙ୍ଗାରୁ ଅନାୟାସରେ ଟୋକିନେଇ ଅଦୃଶ୍ୟ ହୋଇଗଲେ ପାଣି ଭିତରେ; କିନ୍ତୁ ଶାରୀ ପାଣିରେ ଅଦୃଶ୍ୟ ହୋଇଯିବା ଅବ୍ୟବହିତ ପୂର୍ବରୁ ମୁଁ ଠିକ୍ ଦେଖିଛି ଶାରୀ ବି ହୋଇ ଯାଇଥିଲା ସେମାନଙ୍କ ପରି- ଅଣ୍ଟାଠାରୁ ତଳକୁ ମାଛକାତିର ସାଞ୍ଜୁ ଆଉ ସେଇ ଆଭରଣହୀନ ଯୁଗ୍ମରଜତ କମଳ ।

ମୋ ସାମ୍ନାରେ ଖାଲି ରୁପାର ଜରିକାମକରା ପାଣି ଝିଲିମିଲି ହଉଛି । ଖାଲି ଝିଲିମିଲି ।

କେହି କିଛି କଥା କହୁନାହିଁ- ଡଙ୍ଗା ତା' ର ଆପଣା ଛାଏଁ ଛାଏଁ ଭାସି ଭାସି ଚାଲିଛି ।

ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ବସିଛି । ଜାଣେନା ଗାଁକୁ କେତେବେଳେ ଫେରିବି ଓ ଫେରିଯାଇ ସେମାନଙ୍କୁ କଅଣ କୈଫିୟତ ଦେବି । ସେମାନେ କଅଣ ବିଶ୍ୱାସ କରିବେ ମୋ କଥା ? ସେମାନେ କ' ଣ ମତେ ସାନ୍ତ୍ୱନା ଦେଇ କହିବେ, ତମର କିଛି ଭୁଲ୍ ନାହିଁ, ସବୁ ବର୍ଷ ଆମ ପଲ୍ଲୀରୁ ଗୋଟିଏ ଗୋଟିଏ ଝିଅ ନଈକୁ ଦବାକୁ ପଡ଼େ-ନହେଲେ ନଈରେ ମାଛ ମରିବେ ନାହିଁ-ଆମର ବାପ ଅଜା ଚଉଦ ପୁରୁଷର ବେଉଷା ବୁଡ଼ିଯିବ !

ମୁଁ ସେଇ ଡଙ୍ଗା ଉପରେ ନିରୁପାୟ ହୋଇ ବସିରହିଛି ଓ ମୋ ସାମ୍ନାରେ ଖାଲି ଝିଲିମିଲି ଝିଲିମିଲି ରୁପାର ପାଣି ।

***